SAMPLE QUESTION PAPER- Year-2019-20

ଓଡ଼ିଆ **ODIA (013)**

MARKING SCHEME FOR CLASS X

ମୂଲ୍ୟାୟନ ପଦ୍ଧତି

ସମୟ - ୩ ଘଂଟା ପୂର୍ଣ୍ଣ ସଂଖ୍ୟା - ୮୦

Time allowed : 3 hours *Maximum Marks: 80*

1.	**ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**	5 x 2 =10
(କ)	'ବିଜ୍ଞାନ' ଅର୍ଥାତ୍ ବିଶେଷ ଜ୍ଞାନ, ବ୍ୟାପକ ଜ୍ଞାନ ଓ ବିଶ୍ଳେଷିତ ଜ୍ଞାନ	
(ଖ)	ମାନବୀୟ ସଭ୍ୟତା ଓ ସଂସ୍କୃତିର ମାର୍ଗ ଦର୍ଶନକ୍ଷେତ୍ରରେ ବେଦର ଅବଦାନ ଅନସ୍ୱୀକାର୍ଯ୍ୟ	
(ଗ)	ଲତା, ଗୁଳ୍ମ, ବୃକ୍ଷମାନଙ୍କର ଉପଯୋଗିତା ତଥା ଦ୍ରବ୍ୟଗୁଣର ଅବ୍ୟର୍ଥ ମହୌଷଧି	
(ଘ)	ମନୁଷ୍ୟର ଉନ୍ନତି ନିମନ୍ତେ ନିଜର ଜ୍ଞାନ ସମ୍ପଦ ଦ୍ୱାରା ଦିବ୍ୟ ଆଲୋକ ସ୍ତମ୍ଭ ପରି କାମ କରେ ।	
(ଙ)	'ଭୂତଂ ଭବତ୍ ଭବିଷ୍ୟତ୍ ଚ ସର୍ବଂ ବେଦାତ୍ ପ୍ରସିଦ୍ଧତି ।' ଅର୍ଥାତ୍ ବିଶ୍ୱରେ ଯାହା ହୋଇଯାଇଛି, ହେଉଅଛି ଓ ହେବ ତା'ର ମୂଳ ଉତ୍ସ ହେଉଛି ବେଦ ।	
2.	ଯେକୌଣସି **ଗୋଟିଏ** ବିଷୟରେ ରଚନା ଲେଖ ।	8
	ଉପକ୍ରମ- ୧ ;ବିଷୟବସ୍ତୁ ବିଶ୍ଳେଷଣ -୩ ; କାରଣ ଓ ନିରାକରଣ-୩; ଉପସଂହାର- ୧	
	(ଭାଷାଜ୍ଞାନ , ବ୍ୟାକରଣ ତ୍ରୁଟିକୁ ବିଚାରକୁ ନିଆଯିବ ।)	
3.	ଯେକୌଣସି **ଗୋଟିଏ** ପତ୍ର ଲେଖ ।	7
	ସମ୍ପାଦକଙ୍କୁ ସମ୍ବୋଧନ - ୨ ; ବିଷୟ-୩ ;ଶୈଳୀ,ଭାଷା ଓ ବ୍ୟାକରଣ - ୨	
4. (କ)	**ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର । (ଯେକୌଣସି ଚାରୋଟିର)**	4 x1=04
	i. ମଧୁମିତା ସୁନ୍ଦର ଗୀତ ଗାଇଲା ତେଣୁ ସମ୍ମାନିତ ହେଲା । ii. ଯଦି ତାଜମହଲ ଦେଖିବ, ତେବେ ଆଗ୍ରା ଯିବାକୁ ପଡ଼ିବ । iii. ଗୋପାଳ ବାବୁ ମୋତେ ଡାକିଥିଲେ କିନ୍ତୁ ମୁଁ ଯାଇନଥିଲି । iv. ରାମ ଓ ହରି କଟକ ଯାଇ ଦୁର୍ଗାପୂଜା ଦେଖିଲେ । v. ଯେତେବେଳେ ପରୀକ୍ଷା ପାଖେଇ ଆସେ ପିଲାମାନେ ଅଧିକ ପରିଶ୍ରମ କରନ୍ତି । vi. ଅଳସୁଆ ଦୁଃଖପାଏ /ଆଳସ୍ୟ ପରାୟଣ ବ୍ୟକ୍ତି ଜୀବନରେ ଦୁଃଖ ପାଆନ୍ତି ।	
(ଖ)	**ଭ୍ରମ ସଂଶୋଧନ କରି ଲେଖ । (ଯେକୌଣସି ଚାରୋଟିର)**	4 x1=04
	i. ଭୌଗୋଳିକ ii.ଜନତାର iii. ହୃଷ୍ଟପୁଷ୍ଟ iv. ଅନସୂୟା v. ମନୋଭାବ vi. ନିରପରାଧ	
(ଗ)	**ଲକ୍ଷଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦର ଉଦାହରଣ ଦିଅ ।**	1 x4=04
	ରାମକେରୀ :– ଦୁଇ ପାଦରେ ଗୋଟିଏ ପଦ । ପ୍ରତିପାଦରେ ୧୬ଟି ଅକ୍ଷର । ନବମ, ଏକାଦଶ ଓ ଷୋଡ଼ଶ ଅକ୍ଷରରେ ଯତିପାତ ହୁଏ । ***ଉଦାହରଣ***– କଳାକଳେବର କହ୍ନାଇ' ସଙ୍ଗେ' ରୋହିଣୀସୁତ' କରନ୍ତି ମଥୁରା ବିଜୟେ' ଦାଣ୍ଡେ' ଦେଖ ସଙ୍ଗୀତ' ॥	

	କିମ୍ବା **ଭାଗବତବାଣୀ ବା ଗୁଞ୍ଜରୀ :** ଏହାର ଦୁଇପାଦରେ ଗୋଟିଏ ପଦହୁଏ । ପ୍ରତିପାଦର ଅକ୍ଷର ସଂଖ୍ୟା ନଅ । ତେଣୁ ଏହାକୁ ନବାକ୍ଷରୀବୃତ୍ତ ବା ନବାକ୍ଷରୀଛନ୍ଦ ମଧ୍ୟ କୁହାଯାଏ । ପ୍ରତିପାଦର ତୃତୀୟ, ପଂଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । *ଉଦାହରଣ* - (କ) ପ୍ରାଣୀର' ଭଲ' ମନ୍ଦବାଣୀ' । ମରଣ' କାଳେ' ତାହା ଜାଣି' ॥ **(ଭାଗବତ - ଜଗନ୍ନାଥ ଦାସ)**	
(ଘ)	**ରୂଢ଼ିକୁ ବାକ୍ୟରେ ବ୍ୟବହାର କର । (ଯେକୌଣସି ଚାରୋଟିର)**	4 x1=04
	i. ଗୋଡ଼ଟେକି ବସିବା(ପ୍ରସ୍ତୁତ ହୋଇ ରହିବା) **ii.**ଛାତି ପଥର କରିବା (ଧୈର୍ଯ୍ୟ ଧରିବା) **iii.** ତିଳକୁ ତାଳ କରିବା (ଛୋଟ କଥାକୁ ବଡ଼ କରିବା) **iv.** ଦେହଲଗା (ଅତି ବିଶ୍ୱାସୀ) **v.** ବିରାଡ଼ି ବୈଷ୍ଣବ (ଠକ) **vi.** ଶୁଆ ପରି ଘୋଷିବା (କଣ୍ଠସ୍ଥ କରିବା) **ଏହି ଅର୍ଥକୁ ଆଧାର କରି ବାକ୍ୟ ଗଠନ କରିଥିବେ ।**	
(ଙ)	**ଓଡ଼ିଆରେ ଅନୁବାଦ କରି ଲେଖ ।**	1 x4=04
	ଗତ କାଲି ଅକ୍ଟୋବର ଦୁଇତାରିଖରେ ଆମ ବିଦ୍ୟାଳୟ ବନ୍ଦ ଥିଲା । ଏହିଦିନ ଜାତିର ଜନକ ମହାତ୍ମାଗାନ୍ଧୀ ପୋରବନ୍ଦରର କାଠିଆୱାଡ଼ ସହରରେ ଜନ୍ମଗ୍ରହଣ କରିଥିଲେ । ସେ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କର ଅଧିକାର ପାଇଁ ଲଢ଼ିଥିଲେ । ସତ୍ୟ ଓ ଅହିଂସା ତାଙ୍କ ଜୀବନର ଆଦର୍ଶ ଥିଲା ତଥା ସେ କେବେହେଲେ ଅନ୍ୟାୟ ସହିତ ସାଲିସ୍ କରି ନ ଥିଲେ ।	
5.	**ସପ୍ରସଙ୍ଗ ସରଳାର୍ଥ ଲେଖ ।**	1x5 =05
	ପ୍ରସଙ୍ଗ ନିର୍ଦ୍ଦେଶ- ୨ ; ବର୍ଣ୍ଣନା -୩	
6.	**ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ ।**	3 x2 =06
କ.	ମାନବର ସମସ୍ତ ନୀତିକୁ ପଦରେ ଦଳି ଦେଇ, ଊର୍ଦ୍ଧ୍ୱଶ୍ୱାସରେ ଧାଇଁ, ସେ ଯେତେ ବେଶୀ ଏହି ଦୀର୍ଘ ବ୍ୟବଧାନକୁ କମ୍‌କରିପାରେ	
ଖ.	ଶିକ୍ଷା ଓ ଶାସନ ଚଳାଇବାର ଅଧିକାର	
ଗ.	ଜଗନ୍ନାଥ ପାଣି , ବୈଷ୍ଣବ ପାଣି , ବାଳକୃଷ୍ଣ ଦାଶ ,ବାଳକୃଷ୍ଣ ମହାନ୍ତି ,କୃଷ୍ଣ ପ୍ରସାଦ ବସୁ , କୃଷ୍ଣ ପ୍ରସାଦ ବେହେରା (ଯେ କୌଣସି ଦୁଇଟି ନାମ)	
ଘ.	ଲୋକଙ୍କୁ ଧର୍ମ ଓ ତ୍ୟାଗ ମାର୍ଗରେ ମୁହାଁଇ ଦେବା	
ଙ.	ବୈଜ୍ଞାନିକମାନେ ମାରାତ୍ମକ ଗ୍ୟାସ ଓ ବିସ୍ଫୋରକର ଉଦ୍ଭାବନ କରି	
7.	**ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ ।**	4 x1 =04
କ.	**(ii)** ଗୋପାଳ ବଲ୍ଲଭ ଦାସ	ଖ. **(iii)** ରାମକୃଷ୍ଣାନନ୍ଦ
ଗ.	**(iv)** ଇଂରାଜୀ ଭାଷା	ଘ. **(iv)** ବିଜ୍ଞାନ
8.	**ସପ୍ରସଙ୍ଗ ସରଳାର୍ଥ ଲେଖ ।**	1 x5 =05
	ପ୍ରସଙ୍ଗ ନିର୍ଦ୍ଦେଶ- ୨ ; ବର୍ଣ୍ଣନା -୩	

9.	**ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ ।**		3 x2 =06
କ.	ଚିରଶତ୍ରୁ ପାଣ୍ଡବମାନଙ୍କର ମୃତ୍ୟୁ ଖବର ଶୁଣି		
ଖ.	ବଡ଼ ଭାଇ ବାପା ସମାନ । ସେ ଯଦି କୌଣସି କଟୁ କଥା କହିଥାନ୍ତି ତେବେ ତାହାକୁ ମନରେ ଧରିବା ଉଚିତ ନୁହେଁ । ତୁମ ପରି ଉଚ୍ଚକୁଳରେ ଜନ୍ମିଥିବା ରାଜକୁମାର ସାମାନ୍ୟ ବନବାସୀର ନିକଟରେ ଶରଣ ନେବା ଶୋଭନୀୟ ନୁହେଁ ।		
ଗ.	ହ୍ରଦ ଭିତରେ ଥିବା ଦ୍ୱୀପ ଓ ପାହାଡ଼ର ପ୍ରତିବିମ୍ବ		
ଘ.	ପ୍ରାଙ୍ଗଣ ରେ କୁସୁମ ବିଂଚି , ସୁବାସିତ ନୀର ସିଂଚି , ମଙ୍ଗଳ ପ୍ରଦୀପ ରୂପେ ପ୍ରଭାତୀ ତାରାକୁ ଜଳାଇ		
ଙ.	ଦେହଦୁଃଖ ଦୂର କରି ନୀରୋଗ ରଖିବା ।		
10.	**ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ ।**		4x1 =04
କ.	iii. ନିର୍ଝର	ଖ. i. ଉଷା	
ଗ.	iii. ବଳଦେବ ରଥ	ଘ. iv. ବିନ୍ଧ୍ୟ	
11.	**ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ ।**		1x5 =05
	ଲେଖକ ଓ ବିଷୟ ନିର୍ଦ୍ଦେଶ- ୧ ; ବିଷୟବସ୍ତୁ-୩; ମନ୍ତବ୍ୟ- ୧		
	ବି.ଦ୍ର: ଏହା ବ୍ୟତୀତ ପରୀକ୍ଷକ ପିଲାଙ୍କର ଲେଖାର ବାସ୍ତବତାକୁ ଆଧାର କରି ମୂଲ୍ୟାଙ୍କନ କରିବା ଭଲ ।		